# ଭିଜିଲାନ୍ସ ଜାଲରେ ବ୍ଲକ୍ କୋ-ଅର୍ଡିନେଟର୍

**କଟକ,୧୨।୨/ଏନ୍‌ଏନ୍‌ଏସ୍:** ଲାଞ୍ଚ ନେବା ଅଭିଯୋଗରେ ଆଜି ବ୍ଲକ୍ କୋ-ଅର୍ଡିନେଟର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ବିଲ୍ ପ୍ରୋସେସିଂ କରିବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ସଦର ବ୍ଲକ କୋ-ଅର୍ଡିନେଟରଙ୍କୁ ଆଜି ଭିଜିଲାନ୍ସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସନ୍ତୋଷ କୁମାର କର। ସେ କଟକ ସଦର ବ୍ଲକରେ ବ୍ଲକ କୋ-ଅର୍ଡିନେଟର (ଚୁକ୍ତିଭିତ୍ତିକ କର୍ମଚାରୀ) ଭାବେ କାର୍ଯ୍ୟରତ ଅଛନ୍ତି। କଟକ ସଦର ଥାନା ଅନ୍ତର୍ଗତ ଉରାଳି ଗ୍ରାମପଞ୍ଚାୟତ ନରସିଂହପୁର ଗ୍ରାମର ମୀନକେତନ ତ୍ରିପାଠୀଙ୍କ ଠାରୁ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଉରାଳି ଗ୍ରାମ ପଞ୍ଚାୟତରେ ସ୍ୱଚ୍ଛଭାରତ ଅଭିଯାନ ସମ୍ପର୍କିତ କାଗଜାତ ଏବଂ ରେକର୍ଡପତ୍ର ଆଦି ପ୍ରୋସେସ୍ କରିବା ସହ ୧୪ ଜଣ ହିତାଧିକାରୀଙ୍କର ପାଇଖାନା ନିର୍ମାଣ ବିଲ୍ ଆଦି ପୈଠ କରିବା ବାବଦକୁ ସେ ଏହି ଲାଞ୍ଚ ଦାବି କରିଥିଲେ। ଆଜି କଲ୍ୟାଣୀନଗରସ୍ଥିତ ଏକ କୋଚିଂ ସେଣ୍ଟରରେ ସେ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି। ତାଙ୍କଠାରୁ ସେହି ଲାଞ୍ଚ ଟଙ୍କା ଜବତ କରାଯାଇଛି। ସେ ଏହି ମାମଲାରେ ଗିରଫ ହୋଇଥିବା ବେଳେ ମାମଲାର ତଦନ୍ତ ଜାରି ରହିଛି। ଏ ସମ୍ପର୍କରେ କଟକ ଭିଜିଲାନ୍ସ ଥାନାରେ ୨/୨୦୧୮ ନମ୍ବର ମକଦ୍ଦମା ରୁଜୁ କରାଯାଇଛି। ଶ୍ରୀ କରଙ୍କ ଖପୁରିଆ ଲେବର କଲୋନୀସ୍ଥିତ ବାସଭବନରେ ଚଢ଼ଉ ଜାରି ରହିଥିବା ବେଳେ ଆସନ୍ତାକାଲି ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଭିଜିଲାନ୍ସ ସୂତ୍ରରୁ ଜଣାପଡ଼ିଛି।

# ଭାଲେଣ୍ଟାଇନ୍ସ ଡେ'ରେ ଗଣ୍ଡଗୋଳକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**କଟକ,୧୨।୨/ଏନ୍‌ଏନ୍‌ଏସ୍:** ଭାଲେଣ୍ଟାଇନ୍ ଡେ' ବା ପ୍ରେମ ଦିବସରେ ଯୁବକ ଯୁବତୀଙ୍କୁ ଅନେକ ସଂଗଠନର କର୍ମକର୍ତ୍ତାମାନେ ହଇରାଣ କରୁଛନ୍ତି। ପ୍ରେମଦିବସ ପାଳନ କରୁଥିବା ଯୁବକ, ଯୁବତୀଙ୍କର ମୌଳିକ ଅଧିକାରରୁ ବଞ୍ଚିତ କରାଯାଉଛି। ତେଣୁ ଆସନ୍ତା ପ୍ରେମ ଦିବସରେ ଗଣ୍ଡଗୋଳକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓଡ଼ିଶା ସୁରକ୍ଷା ସେନା ପକ୍ଷରୁ ଦାବି କରାଯାଇ କଟକ ଡିସିପିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେନା ପକ୍ଷରୁ ସନ୍ତୋଷ ଚୌଧୁରୀ, ସୁଜିତ୍ ଠାକୁର, ସ୍ୱପ୍ନଜିତ୍ ନାୟକ, ଶମ୍ଭୁ ବାରିକ, ପ୍ରବୀଣ ସିଂ, ଅଜୟ ସେଠୀ, ଅଜୟ ସାହୁ, ସୁମିତ ଶର୍ମା, ଆୟାନ୍ତ ଝା, ସୂର୍ଯ୍ୟନାରାୟଣ ସାହୁ, ସନ୍ଦୀପ ବେହେରା, ପ୍ରଭାକର ଦାସ ଓ ସିଦ୍ଧାନ୍ତ ବାରିକ ପ୍ରମୁଖ ଡିସିପିଙ୍କୁ ସାକ୍ଷାତ କରିଥିଲେ।